# Akashvani, Sambalpur

## SAMBALPURI NEWS EVENING BULLETIN

## 23 January 2026 - 7.02 pm- 7.12 pm.

*********************************************

୧- ଆତ୍ମନିର୍ଭର୍ ଭାରତ୍ ନିର୍ମାଣ୍ ଲାଗି ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍‌ଙ୍କର୍ ଦୂରଦୃଷ୍ଟି ଦେଶ୍‌କେ ଲଗାତାର୍ ପ୍ରେରଣା ଦେଇ ଆସୁଛେ କହେଲେ ଉପରାଷ୍ଟ୍ରପତି ।

- କଟକ୍ ନ ପରାକ୍ରମ୍ ଦିବସ୍ ସମାରୋହଥି ହେଲେ ସାମିଲ୍ ।

୨- ଭିନ୍ ଭିନ୍ ବିଭାଗ୍‌ଥି ନିଯୁକ୍ତି ପାଇଥିବା ୬୧ ହଜାର୍‌ନୁ ଅଏତ୍‌କା ଝନ୍‌କୁ ଆଏବା କାଏଲ୍ ନିଯୁକ୍ତି ପତ୍ର ବାଂଟ୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ବୀର ସୁରେନ୍ଦ୍ର ସାଏଙ୍କର୍ ଜୟନ୍ତୀ ଅବ୍‌ସରେ ଖିଣ୍ଡା ନ ସୁରେନ୍ଦ୍ର ସାଏ ସଂଗ୍ରହାଳୟ ଉଦ୍‌ଘାଟନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ପବିତ୍ର ଶ୍ରୀପଂଚ୍‌ମୀ ଅବ୍‌ସରେ ରଥ୍‌ଯାତ୍ରା ଲାଗି ପୁରୀ ନ ହେଲା ରଥକାଠ ଅନୁକୂଳ ।

ଉପରାଷ୍ଟ୍ରପତି-କଟକ୍ ପି.ଆଇ.ବି.

ମଜ୍‌ବୁତ୍ ଆଉ ଆମନିର୍ଭର୍ ଭାରତ୍ ନିର୍ମାଣ୍ ଲାଗି ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍‌ଙ୍କର୍ ଦୂରଦୃଷ୍ଟି ଦେଶ୍‌କେ ଲଗାତାର୍ ପ୍ରେରଣା ଦେଇ ଆସୁଛେ ବଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ । ନେତାଜୀଙ୍କର୍ ଶହେ ୨୯ ନମ୍ବର୍ ଜୟନ୍ତୀ ଅବ୍‌ସରେ କଟକ୍ ତାଙ୍କର୍ ଜନମ୍ ଠାନ୍ ସଂଗ୍ରହାଲୟ ନ ହେଇଥିବା ପରାକ୍ରମ ଦିବସ୍ ସମାରୋହଥି ଉଦ୍‌ବୋଧନ୍ ଦେଇକରି ଉପରାଷ୍ଟ୍ରପତି କହିଛନ୍, ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ ଖାଲି ଦେଶର୍ ସ୍ୱାଧୀନତା ଲାଗି ନାଇଁ ଲଢ଼ିଥାଇ, ଭାରତ୍‌କେ ଗୁଟେ ମଜ୍‌ବୁତ୍, ଶକ୍ତିଶାଳୀ ଆଉ ଦରିଦ୍ରତା ମୁକ୍ତ ଦେଶ୍ ଭାବେ ଗଠନ୍ କର୍‌ବାର୍‌କେ ପରିକଳ୍ପନା କରିଥିଲେ । ତାଙ୍କର୍ ସାହସ୍, ଏକତା ଆଉ ମାତୃଭୂମି ଲାଗି ସବୁନୁ ବଡ଼ ସମର୍ପଣର୍ ଆଦର୍ଶ ନୁ ପ୍ରେରଣା ନେଇକରି ୨୦୪୭ ବିକଶିତ୍ ଭାରତ୍ ଲକ୍ଷ୍ୟ ଦିଗ୍‌କେ ବଢ଼୍‌ବାର୍‌କେ ପ୍ରତିଜ୍ଞା ନେମା ବଲି ଉପରାଷ୍ଟ୍ରପତି ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ଉପରାଷ୍ଟ୍ରପତି ଆହୁରି କହିଛନ୍, ଭାରତ୍‌ର ସଭ୍ୟତାଗତ ଯାତ୍ରାଥି ଓଡ଼ିଶାର୍ ସ୍ୱତନ୍ତ୍ର ଠାନ୍ ରହିଛେ । ଇନ ଇତିହାସ୍ ଆଧ୍ୟାତ୍ମିକତା ଆଉ ସଂସ୍କୃତି ମିଶିକରି ଅଛେ । ଜନଜାତି କଲ୍ୟାଣ, ଆଦିବାସୀମାନ୍‌କର୍ ଜୀବନ୍ ଧାରଣ୍‌ର ମାନ ଉନ୍ନତ୍ କର୍‌ବାର୍ ଲାଗି ଚେରେଷ୍ଟା ଆଉ ନିରନ୍ତର୍ ଭିତିଭୂମିର୍ ବିକାଶ୍ ଲାଗି ଓଡ଼ିଶା ସର୍‌କାର୍‌ଙ୍କର୍ ପଦକ୍ଷେପ୍‌କେ ଉପରାଷ୍ଟ୍ରପତି ପ୍ରଶଂସା କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଗୁଟେ ବାର୍ତା ପ୍ରସାରଣ୍ କରାଯାଇଥିଲା । ଇଥି ନେତାଜୀଙ୍କର୍ ତ୍ୟାଗ ଆଉ ସାହସ୍ ସବୁଦିନ ସୁର୍‌ତା ହେଇକରି ରହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର୍ ମଲ୍ଲିକ୍ ଆଉ ଅବସରପ୍ରାପ୍ତ ୱିଙ୍ଗ୍ କମାଣ୍ଡର୍ ବି.ଏସ୍. ସିଂହଦେଓ ଆଉ ଆଜାଦ୍ ହିନ୍ଦ୍ ଫୌଜ୍‌ର ଜବାନ୍ ମାନ୍‌କର୍ ପରିବାର୍‌ଙ୍କୁ ସମ୍ମାନିତ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, କଟକ୍ ସାଂସଦ୍ ଭର୍ତୃହରି ମହତାବ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ନିଯୁକ୍ତି ମେଲା- ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ତର୍‌ଫୁ ଆଏବା କାଏଲ୍ ନୂଆଦିଲ୍ଲୀ ନ ରୋଜ୍‌ଗାର୍ ମେଲାର୍ ଆୟୋଜ୍‌ନ କରାଯାଇଛେ । ମେଲାଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଁକରି ଚାକିରୀ ପାଇଥିବା ଦେଶର୍ ଭିନ୍ ଭିନ୍ ବିଭାଗ୍ ଆଉ ମନ୍ତ୍ରଣାଳୟର୍ ୬୧ ହଜାର୍‌ନୁ ଅଏତ୍‌କା ଝନ୍‌କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଯୁଆନ୍ ପିଲାଟୁକେଲ୍ ମାନ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସୁରେନ୍ଦ୍ର ସାଏ          ସମ୍ବଲପୁର ସମ୍ବାଦଦାତା

ଯୁଆନ୍ ପିଢ଼ି ସାହସୀ ଆଉ ସ୍ୱାବଲମ୍ବୀ ହେଲେ ଯାଇ ଆତ୍ମନିର୍ଭର୍ ଓଡ଼ିଶା ଗଠନ୍ ସପନ୍ ସାକାର୍ ହେଇପାର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ମହାନ୍ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କର୍ ୨ ଶହ ୧୭ ତମ ଜୟନ୍ତୀ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ଖିଣ୍ଡା ତାକର୍ ଜନମ୍ ଜାଗା ନ ହେଇଥିବା ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ମାଁ ମାଟିର୍ ମୁକ୍ତି ଲାଗି ସୁରେନ୍ଦ୍ର ସାଏ ଆଉ ତାଙ୍କର୍ ପରିବାର୍ ଲୁକ୍‌କର୍ ବଳିଦାନ୍ ଅଦ୍ୱିତୀୟ ଆଏ । ସମ୍ବଲପୁର୍ ସଂଗ୍ରାମ୍‌ର ଗୌରବ୍‌ମୟ ଇତିହାସ୍‌କେ ବଂଚେଇକରି ରଖିବାର୍‌କେ କୁଦୋପାଲି ଠାନେ ଗୁଟେ ଭବ୍ୟ ସ୍ମାରକ ନିର୍ମାଣ୍‌ର ପରିକଳ୍ପନା କରାଯାଇଛେ ବଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍....

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ)

ଇ ଅବ୍‌ସରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଖିଣ୍ଡା ଠାନେ ସୁରେନ୍ଦ୍ର ସାଏଙ୍କର୍ ସ୍ମୃତି ରକ୍ଷା ଲାଗି ୬ କୋଟି ୬୭ ଲାଖ୍ ଟଙ୍କାଥି ତିଆର୍ ହେଇଥିବା ସଂଗ୍ରହାଳୟର୍ ଉଦ୍‌ଘାଟନ୍ କରିଛନ୍ । ତାର୍ ଆଘୋନୁ ଶ୍ରୀ ପ୍ରଧାନ୍‌ଙ୍କର୍ ନେତୃତ୍ୱଥି ଖିଣ୍ଡା ଛକ ନ ଥିବା ସୁରେନ୍ଦ୍ର ସାଏଙ୍କର ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବାର୍ ଉତ୍‌ରୁ ଗୁଟେ ତ୍ରିରଙ୍ଗା ପଦଯାତ୍ରା ତାଙ୍କର୍

ଜନମ୍ ଜାଗାକେ ପୁହୁଁଚିଥିଲା । ଶୋଭାଯାତ୍ରାଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍, ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଉଡ଼ାନ୍ -୨୦୨୬ ଆଇ.ଆଣ୍ଡ୍.ପି.ଆର୍

ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସଂଘ ତର୍‌ଫୁ ପୁରୀ ନ ଆଏବା କାଏଲ୍‌ଠାନୁ ପହେଲା ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସମ୍ମିଲନୀ ଉଡ଼ାନ୍ -୨୦୨୬ ମୁଲ୍ ହେବା । ୩ ଦିନିଆ ସମ୍ମିଲନୀଥି ପୁର୍‌ଥିର୍ ଭିନ୍ ଭିନ୍ ଜାଗା ନ ରହୁଥିବା ଓଡ଼ିଆ ଡାକ୍ତର୍‌ମାନେ ସାମିଲ୍ ହେଇକରି ଓଡ଼ିଶା ନ ସ୍ୱାସ୍ଥ୍ୟସେବାର୍ ଉନ୍ନତି ସହେତେ କେନ୍ତାକରି ଉନ୍ନତ୍ ଆଉ ଅତ୍ୟାଧୁନିକ୍ ଚିକିତ୍ସା ସେବା ଯୁଗେଇ ଦିଆଯାଇପାର୍‌ବା ସେ ବାବ୍‌ଦେ କାର୍ଯ୍ୟଖସଡ଼ା ତିଆର୍ କର୍‌ବେ । ସମ୍ମିଲନୀର୍ ବିଷୟବସ୍ତୁ 'ସେବା ପରମଧର୍ମ' ରଖାଯାଇଛେ ।

ଜୟନ୍ତୀ ସମାରୋହ

ଆଇ.ଆଣ୍ଡ୍.ପି.ଆର୍/ବୌଦ୍ଧ/ସୁବର୍ଣ୍ଣପୁର୍

ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ ଆଉ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଭୁବ୍‌ନେଶ୍ୱର୍ ନ ପାଲିତ୍ ହେଇଯାଇଛେ । ରସୁଲ୍‌ଗଡ୍ ଛକ୍ ନ ଥିବା ନେତାଜୀଙ୍କର୍ ପ୍ରତିମୂର୍ତି ଆର୍ ଭିଏସ୍‌ଏସ୍ ନଗର୍ ନ ଥିବା ବୀର ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତିଥି ପ୍ରଶାସନ୍ ତର୍‌ଫୁ ମାଲ୍ୟାର୍ପଣ୍ କରାଯାଇଥିଲା । ସଞ୍ଜ୍‌ବେଲେ ଜୟଦେବ୍ ଭବନ୍ ନ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ସହେତେ ଭିନ୍ ଭିନ୍ ସଂଗଠନ୍ ତର୍‌ଫୁ  ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ ଆଉ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଲିତ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ ଆଉ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଲିତ୍ ହେଇଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍

ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇଟାର୍ ପ୍ରସାରଣ୍ କରାଯିବା ।

ରଥକାଠ ଅନୁକୂଳ ପୁରୀ ସମ୍ବାଦଦାତା

ପବିତ୍ର ଶ୍ରୀପଂଚ୍‌ମୀ ଅବ୍‌ସରେ ଆଏବା ରଥ୍‌ଯାତ୍ରା ଲାଗି ପୁରୀ ନ ଆଏଜ୍ ରଥକାଠ ଅନୁକୂଳ କରାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ସାମ୍ନା ନ ଥିବା ରଥ ଖଳା ନ ୩ ଟା ଧଉରା କାଠ୍‌କେ ପୂଜା କରାଯାଇଥିଲା । ରାଜ୍‌ଗୁରୁ ଆଉ ପୁରୋହିତ୍‌ମାନେ ପୂଜା ସଂସ୍କାର୍ କରିଥିଲେ । ଇଟାର୍ ଉତ୍‌ରୁ ରାମ୍‌ନଅମୀ ତିଥି ଅବ୍‌ସରେ ରଥ୍‌ର୍ ଲାଗି କାଠ୍ ଚିର୍‌ବାର୍ ପ୍ରକ୍ରିୟା ମୁଲ୍ କରାଯିବା ଆଉ ଅକ୍ଷୟତୃତୀୟା ଅବ୍‌ସରେ ରଥ୍ ତିଆରି ମୁଲ୍ ହେବା ।

ରାଜସ୍ୱ ମନ୍ତ୍ରୀ-ମହାନଦୀ ଜଲ୍‌ବିବଦ୍       ଏକ୍ସ

ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଚାଲିଥିବା ମହାନଦୀ ଜଲ୍ ବିବାଦ୍ ର ସମାଧାନ୍ ଲାଗି ଯାହାକିଛି ଦର୍‌କାର୍ ରାଜ୍ୟ ସର୍‌କାର୍ ସବୁ ପଦକ୍ଷେପ୍ ନେବେ । ଖୋବ୍ ଜଲ୍‌ଦି ମହାନଦୀ ଜଲ୍‌ବିବାଦ୍ ଟ୍ରିବ୍ୟୁନାଲ୍ ପାଖେ ରାଜ୍ୟ ସର୍‌କାର୍ ସତ୍ୟପାଠ୍ ଦାଖଲ୍ କର୍‌ବାର୍‌କେ ଯାଉଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଆଂଚଲିକ୍ ସମ୍ବାଦ୍ ବିଭାଗ୍          ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆକାଶ୍‌ବାଣୀ ସମ୍ବଲପୁର୍ କେନ୍ଦ୍ରର୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆଏଜ୍ ତାର୍ ୧୧ ନମ୍ବର୍ ବଛର୍‌ଥି ପାହା ଥାପିଛେ । ୨୦୧୬ ମସିହାଥି ଆଝିର୍ ଦିନେ ବୀର୍ ସୁରେନ୍ଦ୍ର ସାଏ ଆର୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କର୍ ଜନମ୍ ଦିନ୍‌ଥି ସମ୍ବଲ୍‌ପୁର୍ କେନ୍ଦ୍ରନ ଆଂଚଲିକ୍ ଖବର୍ ବିଭାଗ୍ ଥାପ୍‌ନା ହେବାର୍ ସହେତେ ସମ୍ବଲ୍‌ପୁରୀ ଭାଷାଥି ଖବର୍ ପ୍ରସାରଣ୍ ମୁଲ୍ କରିଥିଲା । ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍ ପର୍ଶ୍ଚିମ୍ ଓଡ଼ିଶାର୍ ସବୁ ଇଲାକାର୍ ଖବର୍‌କେ ଘରେ ଘରେ

ପୁହୁଁଚେଇ ପାରୁଛେ । ସମ୍ବଲ୍‌ପୁର୍ ଆକାଶବାଣୀ କେନ୍ଦ୍ରନୁ ସକାଳେ ଆଉ ସଂଜେ ଦିନ୍‌କେ ୨ ଥର୍ ପ୍ରସାରିତ୍ ହେଉଥିବା ଇ ଅଂଚଲିକ୍ ସମ୍ବାଦ୍‌କେ ବଲାଙ୍ଗିର୍, ଭବାନୀପାଟ୍‌ନା ଆର୍ ରାଉର୍‌କେଲା ଆକାଶ୍‌ବାଣୀ କେନ୍ଦ୍ର ଭିଲ୍ ରିଲେ କରୁଛନ୍ । ଇତାର୍‌ସହେତେ ଉପର୍‌ବେଲା ୪ ବଜେନୁ ଫି’ ଘଂଟାଥି ୨ ମିନ୍‌ଟିଆ ମୁଖିଆ ଖବର୍ ପ୍ରସାରଣ୍ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ତାର୍ ଶ୍ରୋତାମାନ୍‌କର୍ ସଙ୍ଗେ ସମ୍ପର୍କକେ ଆହୁରି ବର୍‌କସ୍ କରିପାରିଛେ ।

ପୁସ୍ତକ ମେଳା        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ଆଏବାକାଏଲ୍‌ଠାନୁ ସମ୍ବଲ୍‌ପୁର୍ ପୁସ୍ତକ୍ ମେଳା ମୁଲ୍ ହେବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମେଳାର୍ ଉଦ୍‌ଘାଟନ୍ କର୍‌ବେ । ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ, ସେତୁ ଅନୁଷ୍ଠାନ୍ ଆଉ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି ପୁସ୍ତକ ମେଳା ଫେବୃଆରୀ ୨ ତାରିଖ୍‌ତକ୍ ଚାଲ୍‌ବା । ମେଳାଥି ୨ ଶହ ୫୦ ନୁ ଅଏତ୍‌କା ଷ୍ଟଲ୍ ଲାଗ୍‌ବା ।

ଲୋକ୍‌ମହୋତ୍ସବ୍ ଉଦ୍‌ଯାପିତ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବୀରନରସିଂହପୁର୍ ଠାନେ ଚାଲିଥିବା ଗଡ଼ଜାତ ଲୋକ୍‌ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇଥିଲେ ।

ଲାଲ୍‌ମନୀ କପ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଗାନ୍ଧୀ ପଡ଼ିଆ ନ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍ କପ୍ ୨୦୨୬ଥି ଦିଲ୍ଲୀ ସନେଟ୍ କ୍ରିକେଟ୍ କ୍ଲବ୍‌କେ ଶହେ ୬୩ ରନ୍‌ଥି ସମ୍ବଲ୍‌ପୁର୍ ଏମ୍.ଏମ୍.ସି.ସି. ଦଲ୍ ହରେଇଛେ । ଇତାର୍‌ସହେତେ ସମ୍ବଲ୍‌ପୁର୍ ଦଲ୍ ଫାଇନାଲ୍‌କେ ଯାଇଛେ । ୨୬ ତାରିଖ୍ ହେବାର୍‌କେ ଥିବା ଫାଇନାଲ୍‌ଥି ସମ୍ବଲ୍‌ପୁର୍ ଆଉ ଭୁବ୍‌ନେଶ୍ୱର୍ ଦଲ୍ ମୁହାଁମୁହିଁ ହେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୩/୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍

୭ ଟା ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।